# ଯଶୋଦେହେ ଗୋପୀନାଥ

## [୨୦ ଏପ୍ରିଲ୍ ୧୯୧୪ – ୨୦ ଅଗଷ୍ଟ ୧୯୯୧]

ସାମନ୍ତ ଶ୍ରୀ ସୂର୍ଯ୍ୟମଣି ମହାନ୍ତିଙ୍କର ନବମ ସନ୍ତାନ (ଚତୁର୍ଥ କୋଡ଼ପୋଛା ପୁଅ) ଗୋପ–ଗୋପୁଲି–ଗୋପୀନାଥଙ୍କର କଟକ ସହର ପାଖ କାଠଯୋଡ଼ି ନଈ ସେପଟେ ପୂର୍ବଦିଗରେ ବାର କିଲୋମିଟର ଦୂରରେ ଥିବା ସିଦ୍ଧୁଆ ନଦୀକୂଳର ନାଗବାଲି ଗାଁରେ ୧୯୧୪ ମସିହା ଏପ୍ରିଲ୍ ମାସ ୨୦ ତାରିଖରେ ଜନ୍ମ । ତାଙ୍କ ଉପର ଭାଇ ହେଲେ ଆଠବର୍ଷ ବଡ଼ ଔପନ୍ୟାସିକ କାହ୍ନୁଚରଣ । 'କାଳପୁରୁଷ' କବିତାର ସ୍ରଷ୍ଟା କବି ଗୁରୁପ୍ରସାଦ ଗୋପୀନାଥଙ୍କର ପୁତୁରା ।

### ସ୍କୁଲ୍ ଜୀବନ

ସୋନପୁରରେ (ସୁବର୍ଣ୍ଣପୁର) 'ମହାରାଜା ହାଇ ଇଂଲିଶ୍ ସ୍କୁଲ୍'ରେ ସେପ୍ଟେମ୍ବର, ୧୯୨୩ରେ ଷଷ୍ଠଶ୍ରେଣୀରେ ନାଁ ଲେଖା ପରେ ସ୍କୁଲ୍ ଜୀବନର ଅୟମାରମ୍ଭ । ସେଠି ବାପାଙ୍କ ସାଙ୍ଗରେ ରହଣି ଜୁନ୍ ୧୯୨୬ ପର୍ଯ୍ୟନ୍ତ । ସେହି ବର୍ଷ ଜୁଲାଇ ପହିଲାରେ ବାପାଙ୍କ ମୃତ୍ୟୁ ହେବାରୁ ଗୋପୀନାଥ ପାଟନା ଆସି ତାଙ୍କ ବଡ଼ଭାଇଙ୍କ ପାଖରେ ରହି ପାଟନା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇଲେ । ସେତେବେଳେ ପ୍ରଧାନ ଶିକ୍ଷକ ଥା'ନ୍ତି ଯୋଗେଶଚନ୍ଦ୍ର ରାୟ । ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ଓ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇ ଥେୟର୍‌କୃତ ''ଆବ୍ରାହମ୍‌ଲିଙ୍କନ୍'', ''ଲାଇଫ୍ ଅଫ୍ ନେପୋଲିଅନ୍'', ''ଫ୍ରମ୍ ଲଗ୍‌କେବିନ୍ ଟୁ ହ୍ୱାଇଟ୍ ହାଉସ୍'', ''ୟୁସ୍ ଅଫ୍ ଲାଇଫ୍'', ସ୍କାଇଲେସ୍‌କୃତ ''କ୍ୟାରେକ୍ଟର୍'', ''ବେଞ୍ଜାମିନ୍ ଫ୍ରାଙ୍କଲିନ୍'' ''ଅଙ୍କଲ ଟମ୍‌ସ କେବିନ୍'' ଓ ''ଅକ୍ସଫୋର୍ଡ଼ ଡିକ୍ସିନାରି'' ପୁସ୍ତକଗୁଡ଼ିକ ସେ ପୁରସ୍କାରସ୍ୱରୂପ ପାଇଥିଲେ । ନବମ ଶ୍ରେଣୀରେ ସେ ପୁରସ୍କାର ପାଇଥିଲେ ସଂସ୍କୃତ ଗ୍ରନ୍ଥ ''ସିଦ୍ଧାନ୍ତ ଚନ୍ଦ୍ରିକା ।'' ପାଟନା ହାଇସ୍କୁଲରେ ସେ ସମୟରେ ଫକୀରମୋହନ ସେନାପତିଙ୍କର ନାତି ଅଧିରାଜମୋହନ ସେନାପତି ଓ ପଣ୍ଡିତ ରାମଚନ୍ଦ୍ର ମହାପାତ୍ର କାବ୍ୟତୀର୍ଥ ଶିକ୍ଷକତା କରୁଥାନ୍ତି । ହାଇସ୍କୁଲ୍‌ରେ ପଢୁଥିବାବେଳେ 'ରାଧାନାଥ ରାୟଙ୍କ ଜୀବନୀ ଓ ସାହିତ୍ୟ' ଉପରେ ପ୍ରବନ୍ଧ ଲେଖି ଗୋପୀନାଥ ପ୍ରଥମ ପୁରସ୍କାର ପାଇଥିଲେ । ସ୍କୁଲ୍ ପାଠ୍ୟପୁସ୍ତକ ଛଡ଼ା ସେ ଜୁଲସ୍ ଭର୍ଣ୍ଣ, ବ୍ରଁତେ ଭଉଣୀ ଓ ମେରି କରେଲିଙ୍କ କୃତିସମୂହ, ଶେର୍ଲକ୍ ହୋମ୍‌ସଙ୍କ ଡିଟେକ୍ଟିଭ୍ ଉପନ୍ୟାସ, ''କାଉଣ୍ଟ୍ ଅଫ୍ ମଣ୍ଟିକ୍ରିଷ୍ଟୋ'', ଭିକ୍ଟର୍ ହ୍ୟୁଗୋଙ୍କ ''ଲେ ମିଜରେବ୍‌ଲ'' ଓ ଆଲେକ୍‌ଜାଣ୍ଡର୍ ଡୁମାଙ୍କ ବହିସବୁ ପଢ଼ି ନିଜକୁ ଜଣେ କଥାଶିଳ୍ପୀ ଭାବରେ ପ୍ରସ୍ତୁତ କରୁଥିଲେ । ପାଟନା ୟୁନିଭର୍ସିଟିରେ ମାଟ୍ରିକ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ଷୋଳ ବର୍ଷର ଯୁବକ ଗୋପୀନାଥ ମାର୍ଚ୍ଚ ୧୯୩୦ରେ ଓଡ଼ିଶା ବାହୁଡ଼ି ଆସିଲେ ।

### କଲେଜ ଜୀବନ

କଟକର ରେଭେନ୍ସା କଲେଜରେ ଗୋପୀନାଥ ଆଇ.ଏସ୍‌ସି. ପଢ଼ିଲେ । ଇଷ୍ଟ ହଷ୍ଟେଲ୍‌ରେ ରହୁଥିବାବେଳେ ଗଳ୍ପ, ଜାତୀୟବାଦୀ କବିତା ଓ ପ୍ରବନ୍ଧ କିଛି ହଷ୍ଟେଲ୍‌ର ହାତଲେଖା 'ଊର୍ମି' ପତ୍ରିକାରେ ଲେଖିଲେ । ସେତେବେଳେ ସଂସ୍କୃତ ଓ ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଇଷ୍ଟ ହଷ୍ଟେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ୍ ଥା'ନ୍ତି । ଗୋପୀନାଥ ଆର୍ତ୍ତବାବୁଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିବା ଜଣାଯାଏ । ଇଂରାଜୀ ସାହିତ୍ୟ ପଢ଼ିଲାବେଳେ ଆୟର୍‌ଲ୍ୟାଣ୍ଡ୍‌ର 'କେଲ୍‌ଟିକ୍ ରିଭାଇଭାଲ୍' କଥା–କିଭଳି ସହରିଆ ଆଇରିସ୍ ଲେଖକ ମଫସଲକୁ ଯାଇ ଚାଷୀ ପରିବାରର ଭାଷା ସଂଗ୍ରହ କରୁଥିଲେ ତାହା ଗୋପୀନାଥଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସେକ୍ସପିଅର୍‌ଙ୍କ ରଚିତ କେତେକ ମୁଖ୍ୟ ନାଟକ ଓ ବର୍ଣ୍ଣାଡ୍ ଶ'ଙ୍କ ''ଡାର୍କ ଲେଡି ଅଫ୍ ଦି ସନେଟ୍‌ସ'' ତାଙ୍କୁ ବହୁଦିନ ଧରି ଆଚ୍ଛନ୍ନ କରି ରଖିଥିଲା । କଲେଜରେ ପଢୁଥିଲାବେଳେ ମାୟାଧର ମାନସିଂଙ୍କ କବିତାର ଭାଷାର ଲାଳିତ୍ୟ, ସୌନ୍ଦର୍ଯ୍ୟବୋଧ ; ଗୋଦାବରୀଶ ମହାପାତ୍ରଙ୍କର ଜାତୀୟଚେତନା, ମାନବିକ ମୂଲ୍ୟବୋଧ ;କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ତାତ୍ତ୍ୱିକତା ; ବୈକୁଣ୍ଠନାଥ ପଟ୍ଟନାୟକଙ୍କର ଦାର୍ଶନିକତା ; ଭଗବାନ୍ ପତି ଓ ରାଧାମୋହନ ଗଡ଼ନାୟକଙ୍କର ନୂତନ ଛନ୍ଦ, ସୌନ୍ଦର୍ଯ୍ୟ ସୃଷ୍ଟି ଏବଂ ସଚ୍ଚି ରାଉତରାୟଙ୍କ ଗାଁ ଜୀବନର ଚିତ୍ର ଗୋପୀନାଥଙ୍କୁ ଓଡ଼ିଆ ସାହିତ୍ୟର ଭବିଷ୍ୟତ୍ ବିଷୟରେ ବେଶ୍ ଆଶାବାଦୀ କରି ତୋଳିଥିଲା ।

ସଂଗୀତ ପ୍ରତି ଗୋପୀନାଥଙ୍କର ଦୁର୍ବଳତା ଥିଲା । ନିଜେ ସୁର୍ ଦେଇ ଛାନ୍ଦମାନ ଗାଉଥିଲେ ଓ ହାର୍‌ମୋନିଅମ୍‌ରେ ସ୍ୱର ଅଭ୍ୟାସ କରୁଥିଲେ ।୧୯୩୨ରେ ଆଇ.ଏସ୍‌ସି. ଦ୍ୱିତୀୟ ଶ୍ରେଣୀରେ ପାସ୍ କରି ଇଂରାଜୀ ଅନର୍ସ ନେଇ ବି.ଏ. ପଢ଼ିଲେ । ୧୯୩୪ ମସିହାରେ ଅନର୍ସ ସହ ଦ୍ୱିତୀୟ ଶ୍ରେଣୀରେ ପଞ୍ଚମ ସ୍ଥାନ (ସେ ବର୍ଷ କେହି ପ୍ରଥମ ସ୍ଥାନ ପାଇ ନ ଥିଲେ) ଅଧିକାର କରି ମନ ଟିକେ ଊଣା କଲେ । ତା'ପରେ ସେ ଇଂରାଜୀ ଭାଷା ସାହିତ୍ୟରେ ଉପାଧ୍ୟୁତ୍ତର ଶ୍ରେଣୀରେ

ନାମ ଲେଖାଇଲେ । ଏମ୍.ଏ. ପଢୁଥିବାବେଳେ ଉତ୍କଳଭୀମ ପଦ୍ମଚରଣଙ୍କଠାରୁ ବ୍ୟାୟାମ, କୁସ୍ତି କସରତ୍ ଶିକ୍ଷା କଲେ । ମୃତପ୍ରାୟ ଦିବାଧ୍ୟାୟୀ ସଂଘକୁ ସେ ପୁଣି ଥରେ ଜୀବନ୍ୟାସ ଦେଇ ସେଇ ସଂଘର ସମ୍ପାଦକ ହେଲେ । ଡି.ଏସ୍.ଏ.ର ମୁଖପତ୍ରରେ ସେ ନିଜର ଚିନ୍ତନ ପ୍ରକଟ କରିବାକୁ ଲାଗିଲେ । କଲେଜ ମାଗାଜିନ୍ 'ରେଭେନ୍ସାଭିଆନ୍'ରେ ତାଙ୍କର ଇଂରାଜୀ ପ୍ରବନ୍ଧ 'The British King of the Present Day' ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା । ଏମ୍.ଏ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲାବେଳେ ତାଙ୍କର ସାହିତ୍ୟିକ ଅଭିରୁଚି ବେଶ୍ ଶାଣିତ ହୋଇଆସୁଥାଏ । ୧୯୩୪ ଡିସେମ୍ବରରେ ଗୋପୀନାଥ ତାଙ୍କର ପ୍ରଥମ ଉପନ୍ୟାସ ଲେଖା ଆରମ୍ଭ କଲେ । ମାତ୍ର ଛଅ ପୃଷ୍ଠା ଲେଖି ସେଇ ପ୍ରଚେଷ୍ଟାରୁ କାହିଁକି କେଜାଣି ଓହରିଗଲେ । ତଥାପି ସାହିତ୍ୟ ତତ୍ତ୍ୱଭିତ୍ତିକ କେତେକ ପ୍ରବନ୍ଧ ଓ କ୍ଷୁଦ୍ରଗଳ୍ପ କଞ୍ଚା ସରଳ ଓଡ଼ିଆରେ ଲେଖିବାକୁ ଆଗ୍ରହୀ ହୋଇ ''ଡଁ'', ''ଉପାସୀ'', ''ଭାଗା'' ପ୍ରଭୃତି ଗଳ୍ପ, ''ବାୟାକକ'', ପ୍ରବନ୍ଧ, ''କିରାନି'' (ବ୍ରାଉନିଂଙ୍କର ଡ୍ରାମାଟିକ୍ ମନୋଲଗ୍ ଶୈଳୀରେ ରଚିତ ଓ 'ସହକାର' ପତ୍ରିକାରେ ପ୍ରକାଶିତ) କବିତା ଆଦି ଲେଖି ନିଜପାଇଁ ସାରସ୍ୱତ ଠଣାଟିଏ ବାଛିନେଲେ ।

୧୯୩୬ରେ ଏମ୍.ଏ. ପରୀକ୍ଷାଫଳ ବାହାରି ନ ଥାଏ । ରେଭେନ୍ସା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ କେ.ପି.ସିହ୍ନା ଗୋପୀନାଥଙ୍କୁ ଅଧ୍ୟାପକ ପଦ ଯାଚିଲେ । ଗୋପୀନାଥ ସେଥିପାଇଁ ପ୍ରସ୍ତୁତ ହେଲାବେଳେ ବିଧିର ବିଧାନ ତାଙ୍କୁ ବିଡ଼ମ୍ବିତ କଲା । ଆଶା ମଉଳିଗଲା । ଏମ୍.ଏ.ରେ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ହୋଇ (ସେ ବର୍ଷ ବି କେହି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ନ ଥିଲେ) ସେ ପାସ୍ କଲେ । ସେହି ବର୍ଷ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନାଗରିକ ଗୋପୀନାଥଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିଥାଏ । ରେଭେନ୍ସା କଲେଜରେ ପାଠ୍ୟପୁସ୍ତକମାନ ପଢ଼ିବା ସହିତ ସେ ରମେଶ ଦତ୍ତଙ୍କ ଲିଖିତ ''ମହାରାଷ୍ଟ୍ର ଜୀବନୀ ପ୍ରଭାତ ଓ ରାଜପୁତ୍ ଜୀବନ ସନ୍ଧ୍ୟା'', ବଙ୍କିମଚନ୍ଦ୍ରଙ୍କର ''ଆନନ୍ଦ ମଠ'', ନବୀନ ସେନ୍ଙ୍କର ''ପଲାଶୀର୍ ଯୁଦ୍ଧ'' ଏବଂ ଶରତଚନ୍ଦ୍ରଙ୍କର ନାଟକ ''ନୀଲ୍‌ଦର୍ପଣ'' ପ୍ରଭୃତି ପଢ଼ିସାରିଥାନ୍ତି । କଟକରେ ଥିଲାବେଳେ ଗାଳ୍ପିକ ତଥା ବୁଦ୍ଧିଜୀବୀ ରାଜକିଶୋର ପଟ୍ଟନାୟକଙ୍କ ସହ ମିଶି 'ଯୁଗବାର୍ତ୍ତା' ନାମକ ଏକ ନୂଆ ସାହିତ୍ୟ ପତ୍ରିକା ବାହାର କଲେ (ଯାହା ମାତ୍ର ତିନୋଟି ସଂଖ୍ୟା ପର୍ଯ୍ୟନ୍ତ ବାହାରି ମୃତ୍ୟୁ ଲଭିଲା) ଓ ଦୁହେଁ ମିଶି ''ଭଲପାଇବାର ଶେଷକଥା'' (ଯାହା ପରେ 'ପ୍ରେମର ନିୟତି' ନାମରେ ପରିଚିତ) ଧାରାବାହିକ ଭାବରେ 'ନବଭାରତ'ରେ ପ୍ରକାଶ କଲେ । ତାଙ୍କ ଲେଖନୀରୁ ଝରି



ଆସିଲା ହାସ୍ୟୋଦ୍ଦୀପକ ଗଳ୍ପ ''ଅବିବାହିତର ଆରାମ ଚୌକି'', ''ଦିନ ଦିପହରେ'', ''ଗରିବର ଟେକ'', ''ଅସମାପିକା'', 'ଅତସୀ'', ''କାଉ କୋଇଲି'' ପ୍ରଭୃତି ବିବିଧ ଗଳ୍ପ ଏବଂ ଇଂରାଜୀ ନାଟ୍ୟକାର ଇବ୍‌ସେନ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇ ନାଟକ ''ମୁକ୍ତିପଥେ'' । ''ଫଜେରା'' ବୋଲି ଆଉ ଗୋଟିଏ ନାଟକ ସେ ଲେଖିଲେ ଅଥଚ ଏପର୍ଯ୍ୟନ୍ତ ତାହା ପ୍ରକାଶିତ ହୋଇ ନାହିଁ । କବି ସଚ୍ଚି ରାଉତରାୟ ସେ ସମୟରେ ମୁକ୍ତଛନ୍ଦରେ ଆଧୁନିକ କବିତା ଲେଖୁଥାନ୍ତି । ଗୋପୀନାଥଙ୍କର ମାନସ ମନ୍ଥନର ପ୍ରତିକ୍ରିୟା ଦେଖାଦେଲା ''ନବଭାରତ'' ପତ୍ରିକାରେ ''ସମ୍ପାଦକଙ୍କୁ ପତ୍ର'' ଆକାରରେ । ୧୯୩୫ ଏପ୍ରିଲ୍‌ରେ 'ସେହି ସରକାର ତଳେ' ତାଙ୍କର ପ୍ରଥମ ପ୍ରକାଶିତ ଲେଖା ହୋଇଥିଲେ ମଧ୍ୟ ସେ ୧୯୩୫-୩୮ ଭିତରେ 'ସହକାର' ପତ୍ରିକାରେ ଷୋଳଟି ସାହିତ୍ୟିକ ପ୍ରବନ୍ଧ (ଯାହା ପରେ 'କଳାଶକ୍ତି' ନାମରେ ପରିଚିତ) ଲେଖିବାକୁ ସମର୍ଥ ହୋଇଥିଲେ । ''କ୍ରାନ୍ତି'' ଓ ''ଉତ୍କଳ ସାହିତ୍ୟ''ରେ ମଧ୍ୟ ତାଙ୍କର କିଛି ଲେଖା ପ୍ରକାଶିତ ହୋଇଥିଲା ।

## ଜୀବନ ସଂଗ୍ରାମ ଓ ଚାକିରି ଜୀବନ

୧୯୩୭ ମସିହାରେ ଦିଲ୍ଲୀ ଯାଇ ଆଇ.ସି.ଏସ୍. ପରୀକ୍ଷା ଦେଲେ । ଅକୃତକାର୍ଯ୍ୟ ହେବାରୁ ମନ ଭାଙ୍ଗିଗଲା । ଏମ୍.ଏ. ପାଇଁ ଦୁଇ ବର୍ଷ ଓ ଆଇ.ସି.ଏସ୍. ପରୀକ୍ଷା ପାଇଁ ବର୍ଷଟିଏ ନଷ୍ଟ ନ କରିଥିଲେ ସେ ସିଧାସଳଖ ଡେପୁଟି କଲେକ୍ଟର୍ ପୋଷ୍ଟରେ କେଉଁଦିନୁଁ ଜଏନ୍ କରିପାରିଥାନ୍ତେ । ୧୯୩୭ରେ ସେଭଳି ସୁଯୋଗକୁ ସରକାର ପ୍ରତ୍ୟାହାର କରିନେଇଥାନ୍ତି । ଫଳରେ ପରୀକ୍ଷା ଦେଇ ୧୯୩୮ ସେପ୍ଟେମ୍ବର ୧୦ ତାରିଖ ଦିନ ଗୋପୀନାଥ ପ୍ରବେଶନାରି ଭାବରେ କଟକରେ ସବ୍‌ଡେପୁଟି ଚାକିରିରେ ପ୍ରଥମେ ମୁତୟନ ହେଲେ । ସେପ୍ଟେମ୍ବର ୧୪, ୧୯୩୯ରେ ଯାଜପୁରକୁ ଥାର୍ଡ଼ ଅଫିସର୍ ଭାବରେ ବଦଳି ହେଲେ । ଯାଜପୁରରେ ବଙ୍ଗୀୟ ଔପନ୍ୟାସିକ ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟଙ୍କର ସାନ୍ନିଧ୍ୟ ଲାଭ କଲେ । ଯାଜପୁରରେ ଥିଲାବେଳେ ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ସରକାରୀ ଦାୟିତ୍ୱ ନିର୍ବାହ କରି, କିଛି ଅନୁଭୂତି ନେଇ ସେ ''ପାଟପାଣି'' ଗପ ଲେଖିଥିଲେ । ''ମହାପୁରୁଷ'' ନାଟକ ରଚନା କଲେ । ପ୍ରତ୍ନତତ୍ତ୍ୱ ବିଭାଗର ନଜରରେ ପଡ଼ି ନ ଥିବା ବୌଦ୍ଧକୀର୍ତ୍ତିରାଜିବିମଣ୍ଡିତ ରତ୍ନଗିରି ଢିପ ସମ୍ପର୍କରେ ସରକାରଙ୍କୁ ଲିଖିତ ରିପୋର୍ଟଟିଏ ମଧ୍ୟ ଦେଲେ ।

ମାର୍ଚ୍ଚ ୧୯୪୦ରେ କଟକ ଆସି କଟକ ଟ୍ରେଜେରୀରେ ଅଢ଼େଇମାସ ଟ୍ରେନିଂ ନେବା ପରେ ଗୋପୀନାଥଙ୍କର କୋରାପୁଟକୁ ବଦଳି ହେଲା ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟ୍ ଓ ଏଜେନ୍ସି ମୁନ୍‌ସି ଭାବରେ । ଜଣେ ଦରଦୀ, ଭାବୁକ, କବିପ୍ରାଣ ଯୁବକକୁ ଓଡ଼ିଶାର ବିସ୍ମୟ–ଅରଣ୍ୟ କାହିଁ କେତେ କାଳରୁ ଅପେକ୍ଷା କରି ରହିଥିଲା । 'ମନଗହୀରର ଚାଷ' (୧୯୪୦) ଉପନ୍ୟାସର ଲେଖକ ମେ' ମାସ ଚଉଦ ତାରିଖ ୧୯୪୦ ମସିହାରେ ସାରସ୍ୱତ ଚରିତ୍ର ସାଲୁବାଲୁ କୋରାପୁଟରେ ପାଦ ଥାପିଲେ । କୋରାପୁଟ ହିଁ ତାଙ୍କ ଓଠରେ ପ୍ରଥମେ ବଇଁଶୀ ଧରେଇଲା ।

କୋରାପୁଟ ଚାକିରି ଆରମ୍ଭର ମାତ୍ର ଷୋଳଦିନ ପରେ ମେ'ମାସ ଏକତିରିଶ ତାରିଖ ଦିନ କଟକ ଜିଲ୍ଲାର ବୋଧପୁର ଗ୍ରାମର ବିଶିଷ୍ଟ ବ୍ୟକ୍ତି କାଶୀନାଥ ମହାନ୍ତିଙ୍କର କନ୍ୟା ଆଦରମଣିଙ୍କ ସହିତ ତାଙ୍କର ବିବାହ ହେଲା । ଆଦରମଣି ଗୃହସ୍ଥାଶ୍ରମର ଜଣେ ଅନନ୍ୟ ସାଧିକା । ଗୋପୀନାଥଙ୍କ ସମଗ୍ର କୃତିରେ ତାଙ୍କର ନିବିଡ଼ତମ ସ୍ପର୍ଶ ରହିଛି ।

୧୯୪୩ ମସିହା ଜୁଲାଇ ବାଇଶ ତାରିଖରେ ସେ ତାଙ୍କର ''ପରଜା'' ଉପନ୍ୟାସର ପାଣ୍ଡୁଲିପି ସମାପ୍ତ କଲେ । ''କୁଭିକନ୍ଧ ଭାଷାତତ୍ତ୍ୱ'', ''ଗଦବା ଭାଷା'', ''କନ୍ଧ ପରଜା ସ୍ତୋତ୍ର'' ପ୍ରଭୃତି ବିଷୟରେ ଅଧିକ ଅଭିନିବିଷ୍ଟ ହେଲେ । ''ଅମୃତର ସନ୍ତାନ'' ପାଇଁ ବିଭିନ୍ନ ଚରିତ୍ରର ସନ୍ଧାନ ମଧ୍ୟ ନେଲେ । ''ଦାଦିବୁଢ଼ା''ର ପାଣ୍ଡୁଲିପି ପ୍ରସ୍ତୁତ ବି ହେଲା ଏଇ କୋରାପୁଟରେ । କୋରାପୁଟର ପଟ୍ଟଭୂମିରେ ଗୋପୀନାଥ ହଜିଗଲେ । ସନ୍ଦେହ–ଉଦ୍‌ବେଗଶୂନ୍ୟ, ନିର୍ଭୀକ, ପ୍ରଶାନ୍ତ, ସମ୍ବେଦନଶୀଳ ଯୁବକ ଗୋପୀନାଥଙ୍କର କୋରାପୁଟ ବସାଘରଟି ଗୋଟିଏ ଚିଡ଼ିଆଖାନା ଓ ଆଦିବାସୀ ଗେଷ୍ଟହାଉସ୍ ପାଲଟି ଯାଇଥାଏ । ପାଞ୍ଚ ଛ'ଟି ଦେଶୀ କୁକୁର ଭିତରେ ବାରିହୋଇ ପଡୁଥାଏ ମେଞ୍ଚା ମେଞ୍ଚା କଳାବାଳ ଥିବା ଅତିକାୟ କୁକୁର 'ଉମ୍ବା', ମୟୂର, ବଣକୁକୁଡ଼ା, ଶୁଆ, ମାଲ୍‌କାନ୍‌ଗିରିରୁ ଅଣାଯାଇଥିବା ଭୃଙ୍ଗରାଜ ଚଢ଼େଇ, ଗୋଟାଏ ସମ୍ବର, ଡାକ ନାଁ 'ସମ୍ବା' ଓ ଗୋଟାଏ ଠେକୁଆ, ଡାକ ନାଁ 'ଠେକୁ' । ସେଠି ସେ ପାଲଟି ଯାଇଥାନ୍ତି ପ୍ରାସ୍କା (ହନୁମାଙ୍କଡ଼) ଗୋତ୍ରର କନ୍ଧ ଏବଂ ତାଙ୍କ ପତ୍ନୀ ଆଦରମଣି ମଣିଆକା (ପାହାଡ଼ୀ ବଡ଼ ସୁଆଁ) ଗୋତ୍ରର କନ୍ଧୁଣୀ । ମା ଦାସୁ ପ୍ରାସ୍କା ଗୋପୀନାଥଙ୍କର ଅନ୍ୟ ପରିଚୟ ମଧ୍ୟ ଥିଲା – 'ଦିଶାରି', କନ୍ଧ–ପୁରୋହିତ । ଏଇ କୋରାପୁଟରେ ଥିଲାବେଳେ ସେ ଲେଖିଲେ ଗଳ୍ପ 'ବିସ୍ମୃତି' ('ସହକାର' ୧୯୪୧ ଅଗଷ୍ଟ ସଂଖ୍ୟା) ଓ 'କାହାଣୀ' (୧୯୪୩ ସେପ୍ଟେମ୍ବର 'ଡଗର'ରେ ପ୍ରକାଶିତ) । ତାଙ୍କର ''ଅମୃତର ସନ୍ତାନ''ର ଆରମ୍ଭ ଏଇ କୋରାପୁଟରେ ।



ମାର୍ଚ୍ଚ ୧୯୪୪ ରୁ ୧୯୪୫ ଜାନୁଆରୀ ମାସ ଶେଷ ପର୍ଯ୍ୟନ୍ତ ଗୋପୀନାଥ ଜୟପୁରରେ ଷ୍ଟେସନେରି ସବ୍‌ମାଜିଷ୍ଟ୍ରେଟ୍ ଓ ପରେ ତହସିଲ୍‌ଦାର ଭାବରେ କାର୍ଯ୍ୟ ନିର୍ବାହ କଲେ । ଜୟପୁରରେ ଥିଲାବେଳେ ଓଡ଼ିଆ ଓ ତେଲୁଗୁ ସାହିତ୍ୟରେ ପ୍ରବୀଣ ମହାରାଜା ବିକ୍ରମଦେବ ବର୍ମାଙ୍କର ସମସ୍ତ ରଚନାକୁ ସଙ୍କଳନ କରି ଗୋଟିଏ ମୁଖବନ୍ଧ ମଧ୍ୟ ଲେଖିଥିଲେ । ଜୟପୁର ରହଣିବେଳେ ତାଙ୍କର ''ଦାଦିବୁଢ଼ା'' ଉପନ୍ୟାସ ପ୍ରକାଶ ପାଇଥିଲା ଏବଂ ''ପରଜା'' ଉପନ୍ୟାସର ପ୍ରଚ୍ଛଦପଟ ଜୟପୁରର ବିଖ୍ୟାତ ଚିତ୍ରଶିଳ୍ପୀ ଶ୍ରୀ ସିଂହାଦ୍ରି ମହାରଣା ପ୍ରସ୍ତୁତ କରିଥିଲେ ।

ଜାନୁଆରୀ ୨୮ ତାରିଖ ୧୯୪୫ରେ ଗୋପୀନାଥ ବରଗଡ଼ରେ ଜଏନ୍ କଲେ ସେକେଣ୍ଡ୍ ଅଫିସର୍ ଭାବରେ । କୋରାପୁଟ–ଜୟପୁରରୁ ଆଣିଥିବା ତାଙ୍କର ସମ୍ପତ୍ତି ଭିତରେ ଥିଲା ଜାତିଜାତିକା ଫୁଲଗଛର କୁଣ୍ଡ, ବାଉଁଶ ପିଞ୍ଜରାଗୁଡ଼ିକରେ ଥିବା ଦୁଇଟି ମୟୂର, ଶୁଆ ('ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟବରାନ୍ ନିବୋଧତ' ବୋଲି ରଡ଼ି ଛାଡୁଥିବା),  ପୋଷା ବଣକୁକୁଡ଼ା ଦଳ, ମୋଟା ମୋଟା କନ୍ଧ ବଇଁଶୀ, ପରଜା ଡୁଙ୍ଗୁଡୁଙ୍ଗା, ଚିତାଏ ଉଚ୍ଚ ବାଉଁଶ ବାଡ଼ ଆଉ ଆବଡ଼ା ଖାବଡ଼ା ପଥର ପୁଳାଏ । ବରଗଡ଼ରେ ''ଅମୃତର ସନ୍ତାନ''ର ଲେଖା ଶେଷ ହେଲା । ''ହରିଜନ'' ଉପନ୍ୟାସ ଓ ନାଟକ ''ମହାପୁରୁଷ''ର ସୃଷ୍ଟି ମଧ୍ୟ ସେଇଠି । ପ୍ରଫେସର ଘନଶ୍ୟାମ ଦାଶଙ୍କ ଦ୍ୱାରା ପ୍ରଭାବିତ ହୋଇ ଇଓ୍ୱର୍ ସାହେବଙ୍କ ରିପୋର୍ଟ ପଢ଼ି 'ପାଇକ ବିଦ୍ରୋହ'କୁ ଉପଜୀବ୍ୟ କରି '୧୮୧୭' ଶୀର୍ଷକ ଉପନ୍ୟାସଟିଏ ଲେଖିବାକୁ ପ୍ରସ୍ତୁତ ହେଲାବେଳେ ଗୋପୀନାଥଙ୍କର ସାକ୍ଷାତ୍ ହୁଏ ପଣ୍ଡିତ ଗୋଦାବରୀଶଙ୍କ ସହିତ । ସେଇ ସମ୍ଭାବ୍ୟ ଉପନ୍ୟାସଟି ସେଇଠି ଇତିଶ୍ରୀ ଲଭିଲା । ସେଇଭଳି ଗଙ୍ଗାଧର ମେହେରଙ୍କ ଉପରେ କଳ୍ପିତ ନାଟକଟି ମଧ୍ୟ । ବରଗଡ଼ ରହଣିବେଳେ ୧୯୪୫ରେ ''ପରଜା'' ଉପନ୍ୟାସଟି ପ୍ରକାଶିତ ହେଲା । ଭାରତ ସ୍ୱାଧୀନ ହେଲା । କର୍ମକ୍ଷେତ୍ରରେ ପଦୋନ୍ନତିରୁ ବଞ୍ଚିତ ହୋଇ ବଦଳି ହୋଇ ସେ କଟକ ଆସିଲେ । ସେଠୁ ଗଲେ ଗଞ୍ଜାମର ସେରଗଡ଼ ଓ ଆସ୍କାକୁ, ସ୍ପେସାଲ୍ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ହୋଇ । ପରେ ବୋର୍ଡ଼ ଅଫ୍ ରେଭେନ୍ୟୁରେ ସ୍ପେସାଲ୍ ଅଫିସର୍ ଓ ୧୯୫୨ ରୁ ୧୯୫୪ ରାୟଗଡ଼ାରେ ଏସ୍.ଡି.ଓ. ହେଲେ । ରାୟଗଡ଼ାରେ ନିୟମଗିରି ମୁଠାର ଦେଉଳା ମଣ୍ଡଳରେ ଥିବା ଡଙ୍ଗ୍ରିଆ କନ୍ଧମାନଙ୍କୁ ବୁଝେଇ ବୀଭତ୍ସ 'ଜୁରୋ' ପର୍ବରୁ ସେମାନଙ୍କୁ ନିବୃତ୍ତ କଲେ ଓ 'ମଣିଷଖିଆ ବାଘ ସଂହାର ସୋସାଇଟି' ଗଠନ କଲେ । ଏ ମଧ୍ୟରେ ''ହରିଜନ'' (୧୯୪୮), ''ଅମୃତର ସନ୍ତାନ'' (୧୯୪୯), ''ଶରତବାବୁଙ୍କ ଗଳି'' (୧୯୫୦), ଗଳ୍ପ ସଙ୍କଳନ ''ଘାସରଫୁଲ''

ଓ ''ପୋଡ଼ାକପାଳ'' (୧୯୫୧), ନବବଧୂ (୧୯୫୨) ଓ ଉପନ୍ୟାସ ''ରାହୁର ଛାୟା'' ବାହାରି ସାରିଥାଏ । ନଭେମ୍ବର ୨୬, ୧୯୪୮ରେ ବୋଉର ମୃତ୍ୟୁ ଗୋପୀନାଥଙ୍କ ପିଞ୍ଜରାକୁ ଦୋହଲେଇ ଦେଇଥାଏ । ରାୟଗଡ଼ାର ହାକିମ ଗୋପୀନାଥ କୋରାପୁଟର ଗୁଣୁପୁର–ରାୟଗଡ଼ାରେ ଆଦିବାସୀମାନଙ୍କ ପାଇଁ ଭୂସତ୍ୟାଗ୍ରହ ଯୋଜନା ପ୍ରବର୍ତ୍ତନ କରି ଚାକିରି କ୍ଷେତ୍ରରେ ପଦୋନ୍ନତିରୁ ବଞ୍ଚିତ ମଧ୍ୟ ହେଲେ । ତେବେବି ତାଙ୍କ ଲେଖନୀ ଥକି ପଡ଼ି ନ ଥାଏ ।

ନଭେମ୍ବର ୧୯୫୪ରୁ ସେପ୍ଟେମ୍ବର ୧୯୫୬ ଯାକେ ସେ ପୁରୀରେ ଜିଲ୍ଲାବୋର୍ଡ଼ ସ୍ପେସାଲ୍ ଅଫିସର୍ ଭାବେ ଯୋଗ ଦେଇଥିଲେ । ସେଇ ସମୟ ଭିତରେ ତାଙ୍କର ଚାରୋଟି ଉପନ୍ୟାସ ''ଦୁଇପତ୍ର'', ''ସପନମାଟି'', ''ଶିବଭାଇ'' ଓ ''ଦାନାପାଣି'' ପ୍ରକାଶ ପାଇଲା । ଆଦିବାସୀ ଭାଷା ଓ ସ୍ତୋତ୍ର ସମ୍ପର୍କିତ ତିନୋଟିଯାକ ବହି ଓ ଗଳ୍ପ ସଙ୍କଳନ ''ଛାଇଆଲୁଅ'' ମଧ ୧୯୫୬ରେ ପ୍ରକାଶିତ ହେଲା । ପୁରୀରେ 'ଲୟବିଲୟ'ର ପାଣ୍ଡୁଲିପି ପ୍ରସ୍ତୁତ ହେଲା ।

୧୯୫୫ ମସିହାରେ ଶ୍ରୀକ୍ଷେତ୍ରରେ ଥିଲାବେଳେ ଗୋପୀନାଥ ''ଅମୃତର ସନ୍ତାନ'' ଉପନ୍ୟାସ ପାଇଁ ସାହିତ୍ୟ ଅକାଦେମୀ ପୁରସ୍କାର ପାଆନ୍ତି । ତା'ର ଦୁଇ ବର୍ଷ ପରେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀରେ ଅନ୍ୟତମ ସଦସ୍ୟ ଭାବରେ ପାଞ୍ଚବର୍ଷ ପାଇଁ ମନୋନୀତ ହୁଅନ୍ତି । ୧୯୫୮ରେ ପ୍ରକାଶ ପାଏ ଓଡ଼ିଶାର ବୌଦ୍ଧ ସଂସ୍କୃତିଭିତ୍ତିକ ନାଟକ 'ମହାପୁରୁଷ'' । ଅକ୍ଟୋବର ୧୯୫୬ ରୁ  ଅକ୍ଟୋବର ୧୯୬୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ, ୧୯୬୧–୬୨ କଟକରେ ଓ ପୁଣି ଜୁଲାଇ ୧୯୬୨ ରୁ ଚାକିରିକାଳ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ପଞ୍ଚାବନ ବର୍ଷ ପୂର୍ତ୍ତି ମାର୍ଚ୍ଚ ୩୧, ୧୯୬୯ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବିଭିନ୍ନ ସରକାରୀ ଦାୟିତ୍ୱ ନିର୍ବାହରେ ଗୋପୀନାଥ ବ୍ୟସ୍ତ ରୁହନ୍ତି ।୧। ଏହି ସମୟକାଳ ମଧ୍ୟରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ରଚିତ ଇଂରାଜୀ ବହିର ଓଡ଼ିଆ ଅନୁବାଦ ''ଭାରତ ଆଜି ଓ କାଲି'' (୧୯୬୦), ଉପନ୍ୟାସ ''ଅପହଞ୍ଚ'' ଓ ''ଲୟବିଲୟ'' (୧୯୬୧), ତନ୍ତ୍ରିକାର (୧୯୬୩), ଗଳ୍ପ ସଙ୍କଳନ ''ରଣଧନ୍ଦୋଳ'', ''ମାଟିମଟାଳ'' (୧୯୬୪), ରବୀନ୍ଦ୍ରନାଥ ଟାଗୋରଙ୍କ ''ଯୋଗାଯୋଗ'' ଉପନ୍ୟାସର ଓଡ଼ିଆ ଅନୁବାଦ (୧୯୬୫), ଜୀବନୀଗ୍ରନ୍ଥ

୧. ସରକାରୀ ଚାକିରି କାଳର ଟିକିନିଖି ବିବରଣୀ ତାଙ୍କ ଆତ୍ମଜୀବନୀ ''ସ୍ରୋତସ୍ୱତୀ''ରେ ଦେଖିବାକୁ ମିଳେ ।



''ଉତ୍କଳମଣି'', ''ଦୀପଂଜ୍ୟୋତି'' ଓ ଗଳ୍ପ ସଙ୍କଳନ ''ଗୁପ୍ତଗଙ୍ଗା'' (୧୯୬୭) ଓ ''ନାଁ ମନେ ନାହିଁ'' (୧୯୬୮) ପ୍ରକାଶ ପାଇଲା ।

ଅବସର ନେଲା ପରେ ଗୋପୀନାଥ ଅଧିକ ଜ୍ୟୋତିଃସ୍ନାତ ହେଲେ । ଗର୍କିଙ୍କର 'ମୋ ବିଶ୍ୱବିଦ୍ୟାଳୟ' (୧୯୬୯)ର ଓଡ଼ିଆ ଅନୁବାଦ ସକାଶେ ସେ ସୋଭିଏଟ୍ ଦେଶ ପୁରସ୍କାର ପାଇଲେ ୧୯୭୦ ମସିହାରେ । ୧୯୭୧ରେ ''ପାହାନ୍ତା'' ଉପନ୍ୟାସ ଓ ''ଉଡ଼ନ୍ତା ଖଇ'' ଗଳ୍ପ ସଙ୍କଳନ ବାହାରିଲା । ୧୯୭୨ରେ ୟୁନାଇଟେଡ୍ କମର୍ସିଆଲ୍ ବ୍ୟାଙ୍କ୍‌ର ନିର୍ଦ୍ଦେଶକ ଭାବେ କିଛିଦିନ କାର୍ଯ୍ୟରତ ରହିଥିଲେ ମଧ ତାଙ୍କ ଅଜସ୍ରସ୍ରାବୀ ତୂଳୀରୁ ଝରିଆସିଥିଲା ଉପନ୍ୟାସ ''ଆକାଶସୁନ୍ଦେରୀ'' (୧୯୭୨) ଓ ''ଅନଳନଳ'' (୧୯୭୩) । ୧୯୭୩ରେ ହିନ୍ଦୀ ଗଳ୍ପମାଳାର ଅନୁବାଦ ''କଥାଭାରତୀ'' ଓ ପୂର୍ବଲିଖିତ ପ୍ରବନ୍ଧଗୁଡ଼ିକର ସଙ୍କଳନ ''କଳାଶକ୍ତି'' ମଧ୍ୟ ପ୍ରକାଶ ଲାଭ କଲା ।

୧୯୭୪ ମସିହାରେ ଗୋପୀନାଥ 'ଜ୍ଞାନପୀଠ' ପୁରସ୍କାର ପାଇଲେ ଓ ତା'ର ଦୁଇବର୍ଷ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଲିଟ୍. ଉପାଧିରେ ଭୂଷିତ କଲେ । ୧୯୭୬ରେ ''ବଘେଇ'', ''ସଉରା ଭାଷା'', ୧୯୭୯ରେ ''ଦିଗଦିହୁଡ଼ି'' ଓ ''ମନର ନିଆଁ'' ଉପନ୍ୟାସ ପ୍ରକାଶିତ ହେଲା ଓ ସେହି ବର୍ଷ ଓଡ଼ିଆରେ ସୃଜନାତ୍ମକ ସାହିତ୍ୟ ପାଇଁ ସେ ୟୁ.ଜି.ସି. ଫେଲୋସିପ୍ ପାଇଲେ । ୧୯୮୧ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କଲେ ।

୧୯୮୩ ମସିହାରେ ରାଧାନାଥ ରାୟଙ୍କ ଉପରେ ତାଙ୍କ ରଚିତ ଇଂରାଜୀ ମନୋଗ୍ରାଫ୍ ପ୍ରକାଶ ପାଇଲା । ଆଉଥରେ ପୁଣି ପାଞ୍ଚବର୍ଷ ପାଇଁ ସାହିତ୍ୟ ଅକାଦେମୀ ତାଙ୍କୁ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମନୋନୀତ କଲେ ଓ ଭାରତ ସରକାର ମଧ୍ୟ ସୃଜନାତ୍ମକ ସାହିତ୍ୟ ପାଇଁ ତାଙ୍କୁ ଫେଲୋସିପ୍ ପ୍ରଦାନ କଲେ । ୧୯୮୫ ମସିହାରେ ଗୋପବନ୍ଧୁ ଚୌଧୁରୀଙ୍କ ଜୀବନୀ ''ଧୂଳିମାଟିର ସନ୍ଥ'', ''ବଙ୍କିମଚନ୍ଦ୍ର''ଙ୍କ ଉପରେ ଏକ ମନୋଗ୍ରାଫ୍, ଟଲଷ୍ଟୟଙ୍କ 'ୱାର୍ ଆଣ୍ଡ୍ ପୀସ୍'ର ଓଡ଼ିଆ ଅନୁବାଦ ''ଯୁଦ୍ଧ ଓ ଶାନ୍ତି'' (ପ୍ରଥମ ଭାଗ ୧୯୮୫ ଓ ୨ୟ ଭାଗ ୧୯୮୬) ପ୍ରକାଶ ପାଇଲା । ୧୯୮୬ ମସିହାରେ ଆମେରିକାର ସାନ୍ ଯୋଜେ ବିଶ୍ୱବିଦ୍ୟାଳୟରେ ଆଡ୍‌ଜଙ୍କ୍ଟ୍ ପ୍ରଫେସର୍ ଭାବେ ନିଯୁକ୍ତି ପାଇଲେ । ୧୯୮୮ରେ ଉପନ୍ୟାସ ''ବୁନ୍ଦାଏ ପାଣି'', ତା' ପରବର୍ଷ ଗଳ୍ପ ସଂକଳନ ''ସାତପାଞ୍ଚ'' ଓ ଉପନ୍ୟାସ ''କିଛି କହିବାକୁ ଚାହେଁ'' ପ୍ରକାଶିତ ହେଲା । ସାହିତ୍ୟ ଅକାଦେମୀ

ଦ୍ୱାରା ଅକ୍ଟୋବର ୨୮, ୧୯୮୯ରେ ଆହୂତ 'ଲେଖକ ସାକ୍ଷାତ୍କାର' କାର୍ଯ୍ୟକ୍ରମରେ ଗୋପୀନାଥ ନୂଆଦିଲ୍ଲୀରେ ଯୋଗଦାନ କରିଥିଲେ । ୧୯୮୬ ମସିହାରେ ମଧ୍ୟ 'ଇଣ୍ଡିଆନ୍ ଲିଟରାରି ରିଭ୍ୟୁ'ର ସମ୍ପାଦକ ପ୍ରଫେସର୍ ଦେବୀନ୍ଦ୍ର କୋହଲିଙ୍କ ଅନୁରୋଧକ୍ରମେ ଡଃ ସୀତାକାନ୍ତ ମହାପାତ୍ର ଗୋପୀନାଥଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରି ତାଙ୍କଠାରୁ ତାଙ୍କ କୃତି ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ । ୧୯୯୦ ମସିହାରେ ସେ ଦ୍ୱିତୀୟ ଥର ପାଇଁ ଆମେରିକା ଗଲେ । ସେହି ବର୍ଷ ତାଙ୍କର କ୍ଷୁଦ୍ର ଉପନ୍ୟାସ ''ଜାନକାମ୍ମା'' ଓ ପୂର୍ବରୁ ଲେଖାହୋଇଥିବା ଆଧୁନିକ କାବ୍ୟ ''ଯୁଦ୍ଧ'' ମଧ୍ୟ ପ୍ରକାଶିତ ହେଲା ।

ଆମେରିକାରେ ଥିବାବେଳେ ପାଶ୍ଚାତ୍ୟ ଜଗତର କେତେକ ମୂର୍ଦ୍ଧଣ୍ୟ ଲେଖକଙ୍କୁ ଗୋପୀନାଥ ସାକ୍ଷାତ୍ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ କବି ଜନ୍ ଅପଡାଇକ୍ । କାଲିଫର୍ଣ୍ଣିଆର ସାନ୍‌ହୋଜେ ଡାକ୍ତରଖାନାରେ ଥିଲାବେଳେ ସେ ନିଜେ ସୃଷ୍ଟି କରିଥିବା ଅସୁମାରି ଚରିତ୍ର–ଗାଲାକ୍ସିରେ ହଜି ଯାଇଥିଲେ, ଆଉ ହଜିଯାଇଥିଲେ ଜୀବନ–ବେଦର ମଧୁର ଶାଶ୍ୱତ ନାନ୍ଦନିକତାରେ । ଅମାପ ଯଶର ବିଭୂତି ମାଖିହୋଇ ସାରସ୍ୱତ ଯାଦୁକର ଗୋପୀନାଥ ଜୀବନ–ରଙ୍ଗମଞ୍ଚରୁ ଅପସରି ଗଲେ ୧୯୯୧ ମସିହା ଅଗଷ୍ଟ ମାସ ୨୦ ତାରିଖ ଦିନ ।

'କୀର୍ତ୍ତିର୍ଯସ୍ୟ ସ ଜୀବତି' । ଅମୃତପୁତ୍ର ଗୋପୀନାଥ ଧରାଧାମରୁ ବିଦାୟ ନେଲା ପରବର୍ଷ ପ୍ରକାଶିତ ହୁଏ ତାଙ୍କର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ 'ସ୍ରୋତସ୍ୱତୀ' (ପ୍ରଥମ ଭାଗ) ଓ ଗଳ୍ପ ସଂକଳନ ''ଶରଶଯ୍ୟା'' । ୧୯୯୩ରେ ଉପନ୍ୟାସ ''ଅନାମ'' ଓ ଗଳ୍ପ ସଂକଳନ ''ତିନିକାଳ'', ୧୯୯୯ରେ ''ସ୍ରୋତସ୍ୱତୀ'' (ଦ୍ୱିତୀୟ ଭାଗ), ୨୦୦୦ରେ ''ସ୍ରୋତସ୍ୱତୀ'' (ତୃତୀୟ ଭାଗ) ଏବଂ ୨୦୦୫ରେ ଗଳ୍ପ ସଙ୍କଳନ ''ବାଟ ବନ୍ଦ ଓ ଅନ୍ୟାନ୍ୟ ଗଳ୍ପ'' । ତାଙ୍କ ଜୀବିତାବସ୍ଥାରେ ବିଭିନ୍ନ ଭାରତୀୟ ଭାଷାରେ ''ଅମୃତର ସନ୍ତାନ'' ଅନୂଦିତ ହୋଇଥିଲା । ''ପରଜା'' ଉପନ୍ୟାସ ଇଂରାଜୀ ଭାଷାରେ ଅନୂଦିତ ହୋଇ ଗୋପୀନାଥଙ୍କୁ ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରଶଂସାର ଭାଜନ କରାଇଥିଲା ।